ପଞ୍ଚାୟତ ସମିତି କାର୍ଯ୍ୟାଳୟ
ଫୁଲବାଣୀ

PANCHAYAT SAMITI OFFICE,
PHULBANI,KANDHAMAL.

(GP SECTION)

Tel:(06842)253671
E-Mail: ori-bphulbani@nic.in

ବିଜ୍ଞାପନ ସଂଖ୍ୟା : ୧୯୮୫ //ଗ୍ରା.ପ ତାରିଖ : ୨୯ .୦୭.୨୦୨୧

## ବିଜ୍ଞାପନ

ଏତଦ୍ଵାରା ଫୁଲବାଣୀ ପଞ୍ଚାୟତ ସମିତି/ପୌର ପରିଷଦ,ଫୁଲବାଣୀ ଅଞ୍ଚଳର ସର୍ବସାଧାରଣଙ୍କୁ ସୂଚାଇ ଦିଆଯାଉଅଛି କି ଯେ ଫୁଲବାଣୀ,ପଞ୍ଚାୟତ ସମିତି କାର୍ଯ୍ୟାଳୟ ସାମ୍ନାରେ ସମିତି କାର୍ଯ୍ୟାଳୟ ଦ୍ଵାରା ନୂତନ ଭାବେ ନିର୍ମାଣ ହୋଇଥିବା ୦୨(ଦୁଇ) ଗୋଟି ଦୋକାନ ଗୃହକୁ ବ୍ୟବସାୟ କରିବା ସକାଶେ ସ୍ଵଳ୍ପ ମିଆଦି ସୂତ୍ରରେ ନିମ୍ନ ଲିଖିତ ସର୍ତ୍ତାବଳୀ ପ୍ରକାରେ ଭଡା ରେ ଯୋଗାଇ ଦିଆଯିବ । ନିର୍ଦ୍ଧାରିତ ଆବେଦନ ପତ୍ର ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଫୁଲବାଣୀ କୋଷାଦକ୍ଷଙ୍କ ଠାରୁ ଆସନ୍ତା ତା. ୩୧/୦୭/୨୦୨୧ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ଛୁଟି ଦିନ ବ୍ୟତୀତ) ଦରଖାସ୍ତ ଫର୍ମଟିକୁ ଟ.1000/-(ଅକ୍ଷରାଙ୍କେ ଏକ ହଜାର ଟଙ୍କା)ମାତ୍ର ନଗଦ ଅର୍ଥଦେଇ ରସିଦ ପ୍ରାପ୍ତ କରି ଦରଖାସ୍ତ କ୍ରୟ କରିବେ । ଯେଉଁ ଇଚ୍ଛୁକ ବ୍ୟକ୍ତି ଉକ୍ତ ଦୋକାନ ଗୃହ ବ୍ୟବସାୟ ନିମନ୍ତେ ଭଡା ସୂତ୍ରରେ ନେବା ପାଇଁ ଆଗ୍ରହୀ ସେମାନେ ଆସନ୍ତା ତା. ୩୧/୦୭/୨୦୨୧ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଫୁଲବାଣୀ ଠାରେ (ଛୁଟି ଦିନ ବ୍ୟତୀତ) ପୂର୍ବାହ୍ନ ୧୦.୩୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଆବେଦନ ଦରଖାସ୍ତ ସହ ଅର୍ଥ ରସିଦ ଏବଂ **ଅମାନତ ବାବଦକୁ ଟ .୩୬,୦୦୦/-(ଅକ୍ଷରାଙ୍କେ ଛତିଶ ହଜାର ଟଙ୍କା)ମାତ୍ର ର Demand Draft (ଡିମାଣ୍ଡ ଡ୍ରାଫ୍ଟ )** କୁ ସଂଲଗ୍ନ କରି ଆବେଦନ ପତ୍ର ସହ ଦାଖଲ କରି ପାରିବେ । ସମୟ ସୀମା ପୂର୍ବରୁ କିମ୍ବା ପରେ ଦାଖଲ କରିଥିବା ଆବେଦନ ପତ୍ର ଗୁଡିକୁ ବିଚାରକୁ ନିଆଯିବ ନାହିଁ। ଏଣୁ ଉପରୋକ୍ତ ଦୋକାନ ଗୃହ ଭଡାସୂତ୍ରରେ ନେବାକୁ ଚାହୁଁ ଥିବା ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିବା ସକାଶେ ଅନୁରୋଧ କରାଗଲା ।

## ସର୍ତ୍ତାବଳୀ

**୧- ଆବେଦନକାରୀ ଆବେଦନ ପତ୍ର ସହିତ ଦୋକାନ ର ଅମାନତ ବାବଦକୁ ଟ .୩୬,୦୦୦/-(ଅକ୍ଷରାଙ୍କେ ଛତିଶ ହଜାର ଟଙ୍କା)ମାତ୍ର ର Demand Draft (ଡିମାଣ୍ଡ ଡ୍ରାଫ୍ଟ in favour of Block Development Officer,Phulbani payable Phulbani ) ସହିତ ସଂଲଗ୍ନ କରି ଆବେଦନ କରିପାରିବେ ।**

**୨.ପରିବାର ର କୌଣସି ସଦସ୍ୟ ଙ୍କ ନାମରେ ପୂର୍ବରୁ ପୌର ପରିଷଦ,ଫୁଲବାଣୀ କିମ୍ବା ବା ପଞ୍ଚାୟତ ସମିତି,ଫୁଲବାଣୀ ଅନ୍ତର୍ଗତ କୌଣସି ଗ୍ରାମ ପଞ୍ଚାୟତର ଦୋକାନ ଗୃହ ଯଦି ମଞ୍ଜୁର ହୋଇଥାଏ ସେହି ପରିବାର ର ସଦସ୍ୟଙ୍କ ଆବେଦନ ପତ୍ର ବିଚାରକୁ ନିଆଯିବ ନାହିଁ।**

**୩-ଆବେଦନକାରୀ ବା ତାଙ୍କ ପରିବାରର କୌଣସି ସଦସ୍ୟ ପୌର ପରିଷଦ,ଫୁଲବାଣୀ କିମ୍ବା ପଞ୍ଚାୟତ ସମିତି,ଫୁଲବାଣୀ ଅନ୍ତର୍ଗତ ଗ୍ରା.ପ ରେ ବକେୟା ଥାଆନ୍ତି ତେବେ ତାଙ୍କ ଆବେଦନ ପତ୍ର ବିଚାରକୁ ନିଆଯିବ ନାହିଁ।**

**୪- ଦୋକାନ ର ମାସିକ ଧାର୍ଯ୍ୟ ଭଡା ଟ .୩୦୦୦/- ଓ ପ୍ରତିବର୍ଷ ଶତକଡା ୧୦/- ହାରରେ ଭଡା ବୃଦ୍ଧି କରାଯିବ। ପ୍ରତ୍ୟକ ମାସ ର ଭଡା ନିୟମିତ ଭାବେ ପରବର୍ତ୍ତୀ ମାସର ୧୦ ତାରିଖ ମଧ୍ୟରେ ବ୍ଲକ କୋଷାଧକ୍ଷ ଙ୍କ ନିକଟରେ ଭଡା ପରିମାଣ ଜମା ଦେଇ ଅର୍ଥ ରସିଦ ଗ୍ରହଣ କରିବେ ।**

୫- ଏକାଧିକ ସଂଖ୍ୟକ ଆବେଦନ କାରୀଙ୍କ ସ୍ଥଳେ ଲଟେରୀ ମାଧ୍ୟମରେ  ଯୋଗ୍ୟ ଆବେଦନ କରି ଚୟନ କରାଯିବ । ଏବଂ ଆବେଦନ କାରି , ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଫୁଲବାଣୀ ଙ୍କ ସହିତ ତିନି ବର୍ଷ ପାଇଁ ଚୁକ୍ତିନାମା ସମ୍ପର୍ଣ୍ଣ ପରେ ଦୋକାନଗୃହ ମଞ୍ଜୁର କରାଯିବ ।

୬-ଯାହାଙ୍କ ନାମରେ ଦୋକାନ ଗୃହ ମଞ୍ଜୁର ହେବ ,ସେ ନିଜେ ବ୍ୟବସାୟ କରିବେ, ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଦୋକାନ ଭଡା ଦେବା ଦୃଷ୍ଟିକୁ ଆସିଲେ ତାଙ୍କ ନାମରେ ଥିବା ଦୋକାନ ସିଲ କରିବାସହ ତାଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯିବ । କୌଣସି ମାଦକ ଦ୍ରବ୍ୟ  ବା ଆପତ୍ତିଜନକ ସାମଗ୍ରୀ ଦୋକାନ ରେ ରଖି ବ୍ୟବସାୟ କରି ପାରିବେ ନାହିଁ।

୭- ଉପରୋକ୍ତ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଆବେଦନ କରିଥିବା ବ୍ୟକ୍ତି  ତା -୦୨ /୦୮/୨୦୨୧ ରିଖ ରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଫୁଲବାଣୀ ଠାରେ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଲଟେରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସକାଶେ ଅନୁରୋଧ କରାଗଲା। ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ଯଦି କୌଣସି ଆବେଦନ କାରୀ ଅନୁପସ୍ଥିତ ରହନ୍ତି, ତେବେ ପରବର୍ତ୍ତୀ ସମୟରେ ତାଙ୍କ ଅଭିଯୋଗ ଗ୍ରହଣ କରାଯିବ ନାହିଁ।

କୌଣସି ଅନିର୍ବାର୍ଯ୍ୟ କାରଣ ହେତୁ ନିମ୍ନସ୍ୱାକ୍ଷରକାରୀ ବୀନା ନୋଟିସ ରେ ଉପରୋକ୍ତ କାର୍ଯ୍ୟକ୍ରମ ସ୍ଥଗିତ କରିପାରିବେ।

ଶାନ୍ତନୁ କୁମାର ନାୟକ ୧୯/୭/୨୧
ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ଫୁଲବାଣୀ

ପରି ପତ୍ର ସଂଖ୍ୟା: ୧୯୮୬ ତାରିଖ : ୧୯.୦୭.୨୦୨୧

ଏହାର ଏକକିତା ନକଲ ନୋଟିସ ବୋର୍ଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଫୁଲବାଣୀ /ପୌର ପରିଷଦ ଫୁଲବାଣୀ /ସମସ୍ତ ଗ୍ରାମ ପଞ୍ଚାୟତର ନୋଟିସବୋର୍ଡ, ଓ ସର୍ବସାଧାରଣ ସ୍ଥାନରେ ଜନସାଧାରଣଙ୍କ ଅବଗତି  ନିମନ୍ତେ ପ୍ରକାଶନ କରାଗଲା |

ଏହାର ଏକକିତା  ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କନ୍ଧମାଳ ,ଫୁଲବାଣୀଙ୍କ  ସଦୟ ଅବଗତି ନିମନ୍ତେ ପ୍ରେରଣ କରାଯିବା ସହ ଦୈନିକ ଖବର କାଗଜରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା  ।

ଶାନ୍ତନୁ କୁମାର ନାୟକ ୧୯/୭/୨୧
ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ଫୁଲବାଣୀ

ପରି ପତ୍ର ସଂଖ୍ୟା: ୧୯୮୭ ତାରିଖ : ୧୯.୦୭.୨୦୨୧

ଏହାର ଏକକିତା  DIO,NIC ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବା ସହ କନ୍ଧମାଳ,ୱେବ ସାଇଟ ରେ ପ୍ରକାଶନ କରିବାକୁ ଅନୁରୋଧ କରାଗଲା

ଏହାର ଏକକିତା ଉପ-ଜିଲ୍ଲାପାଳ,ଖଣ୍ଡମାଳ  ,ଫୁଲବାଣୀ /ପ୍ରକଳ୍ପ ନିର୍ଦ୍ଦେଶକ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,କନ୍ଧମାଳ ,ଫୁଲବାଣୀଙ୍କ  ସଦୟ ଅବଗତି ନିମନ୍ତେ ପ୍ରେରଣ କରାଯିବା  ସହ ବିଜ୍ଞାପନ ଫଳକରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା |

ଶାନ୍ତନୁ କୁମାର ନାୟକ ୧୯/୭/୨୧
ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ଫୁଲବାଣୀ